**ଯୁବକଙ୍କୁ ଛୁରାମାଡ଼**
**ଧର୍ମଶାଳା,(ଡି.ଏନ.ଏ.):** ଧର୍ମଶାଳା ଥାନା ଅଧୀନ ରଥିଆ ମୌଜାରେ ଥିବା ଏକ କ୍ରଶର ୟୁନିଟରେ ଛୁରାମାଡ଼ ହୋଇଛି। ଏଥିରେ କ୍ରଶରରେ ଶ୍ରମିକ ଭାବେ କାମ କରୁଥିବା ରଥିଆ ଗ୍ରାମର ରାଜୁ ପ୍ରଧାନ(୨୦) ଆହତ ହୋଇଛନ୍ତି। ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏବେ ସେ ସେଠାରେ ଚିକିତ୍ସାଧୀନ ଅଛନ୍ତି। ଖବର ଅନୁଯାୟୀ, ମଙ୍ଗଳବାର ସନ୍ଧ୍ୟାରେ କ୍ରଶର ନିକଟରେ ରାଜୁଙ୍କ ସମେତ ଅନ୍ୟ କେତେଜଣ ଶ୍ରମିକ ହାଣ୍ଡିଆ ଓ ଦେଶୀ ମଦ ପିଉଥିଲେ। ନିଶାଗ୍ରସ୍ତ ଅବସ୍ଥାରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଜଣେ ଶ୍ରମିକ ରାଜୁଙ୍କ ହାତ, କାନ୍ଧ ଓ ପିଠିରେ ଛୁରାମାଡ଼ କରିଥିଲେ। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ରାସ୍ତା ଜବରଦଖଲ, ତହସିଲଦାରଙ୍କୁ ଅଭିଯୋଗ

**ବାଲିକୁଦା,୧୬।୬(ସ୍ୱ.ପ୍ର.):** ରାସ୍ତାକୁ ଜବରଦଖଲ ଯୋଗୁ ୪ ପରିବାର ଘରୁ ବାହାରିବା କଷ୍ଟକର ହେଉଛି। ଏ ନେଇ ସମ୍ପୃକ୍ତ ପରିବାର ବୁଧବାର ବାଲିକୁଦା ତହସିଲଦାରଙ୍କୁ ଅଭିଯୋଗ କରିଛନ୍ତି। ଏଭଳି ହୀନ ମାନସିକତା ଦେଖିବାକୁ ମିଳିଛି ତହସିଲ ଅଧୀନ ଅଳାଭର ପଞ୍ଚାୟତ ଅହ୍ଲିଆ ଗାଁରେ। ଉକ୍ତ ଗାଁର ସନ୍ୟ ସାହାଣି ନିଜ ଗାଁଠାରୁ ଉଠି ଯାଇ ଅଳ୍ପ ଦୂରରେ ଘର କରି ପରିବାର ସହ ରହୁଛନ୍ତି। ଏଠାରେ ମଧ୍ୟ ଆଉ କେତେକ ପରିବାର ଘର କରି ବସବାସ କରୁଛନ୍ତି। ଯାତାୟାତର ସୁବିଧା ପାଇଁ ୨୦ ବର୍ଷ ତଳେ ସରକାରୀ ଅନୁଦାନରେ ମାଟି ରାସ୍ତାଟିଏ ଏଠାକୁ ସଂଯୋଗ ହୋଇଥିଲା। ଏବେ ଏଠାକୁ ସେହି ରାସ୍ତାର ମରାମତି ଓ ପୁନରୁଦ୍ଧାର ପାଇଁ ମହାତ୍ମା ଗାନ୍ଧି ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ୨ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଉଛି। ମାତ୍ର ଏହାକୁ ବିରୋଧ କରାଯିବାରୁ ରାସ୍ତା ନିର୍ମାଣରେ ବାଧା ଉପୁଜିଛି। ପରେ ସାହାଣି ନିଜ ଘରକୁ ଯିବା ଆସିବା ପାଇଁ ଓ ବର୍ଷା ଦିନେ ସମସ୍ୟାରୁ ଦୂରେଇ ରହିବାକୁ ଲକ୍ଷ୍ୟ କରି ନିଜ ଖର୍ଚ୍ଚରେ କିଛି ମାଟି ପକାଇ ରାସ୍ତା ନିର୍ମାଣ କରିଥିଲେ। ଅନ୍ୟପକ୍ଷରେ ଜଣେ ବ୍ୟକ୍ତି ଏହି ରାସ୍ତାରେ ବାଡ଼ ପକାଇ ରାସ୍ତାକୁ ଅବରୋଧ କରି ରଖିଛନ୍ତି। ପାରିବାରିକ ରାଗ ରଖି ଏଭଳି କରାଯାଇଥିବା ବେଳେ ସବୁ ଜାଣି ସୁଦ୍ଧା ଚାପର ବଶବର୍ତ୍ତୀ ହୋଇ ତୁଣ୍ଡ ଖୋଲିବାକୁ ଉଚିତ ମଣି ନାହାନ୍ତି ଗ୍ରାମବାସୀ। ଉକ୍ତ ପରିବାରଗୁଡିକକୁ ଯିବାଆସିବା କରିବା ଲାଗି ରାସ୍ତା ଜବରଦଖଲ ମୁକ୍ତ କରିବା ଲାଗି ତହସିଲଦାର ତୁରନ୍ତ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି।

### ପରିଚାଳନା କମିଟିକୁ ୟୁଜିସି ମଞ୍ଜୁରୀ ବ୍ୟାସନଗର ସ୍ୱୟଂଶାସିତ କଲେଜ

**ଯାଜପୁର ରୋଡ, ୧୬।୬ (ଡି.ଏନ.ଏ.):** ଯାଜପୁର ଜିଲାର ଅନ୍ୟତମ ଶିକ୍ଷାନୁଷ୍ଠାନ ବ୍ୟାସନଗର ସ୍ୱୟଂଶାସିତ କଲେଜର ପରିଚାଳନା କମିଟିକୁ ରାଜ୍ୟ ସରକାରଙ୍କ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ(ୟୁଜିସି) ପକ୍ଷରୁ ମଞ୍ଜୁରୀ ମିଳିଛି। ଏହିମର୍ମରେ ଉଚ୍ଚ ଶିକ୍ଷା ବିଭାଗର ଡେପୁଟି ଡାଇରେକ୍ଟର ଏଚ୍.କେ. ମହାନ୍ତି ବୁଧବାର ନୋଟିସ ଜାରି କରିଛନ୍ତି। କମିଟିରେ ପ୍ରଦୀପ କୁମାର ବିଶ୍ୱାଳ ସଭାପତି ମନୋନୀତ ହୋଇଥିବାବେଳେ ଅବସରପ୍ରାପ୍ତ ତହସିଲଦାର ତରୁଣ କୁମାର ଦାସ, ପୂର୍ବତନ ପୌରାଧକ୍ଷ ରସାନନ୍ଦ ମହାନ୍ତି, ଆଇନଜୀବୀ ପ୍ରଫୁଲ୍ଲ କୁମାର ସାମଲ, ପୂର୍ବତନ ପୌରାଧକ୍ଷା ସରୋଜିନୀ ବଳ, ଜିନ୍ଦଲ ଷ୍ଟେନଲେସ ଷ୍ଟିଲର ରେସିଡେଣ୍ଟ ଡାଇରେକ୍ଟର ଶଶିଭୁଷଣ ଏସ୍. ଉପାଧ୍ୟାୟ, ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ବିନୋଦ ବିହାରୀ ସାହୁ, ଇଂଲିଶ ଅଧ୍ୟାପକ କୁଶଚନ୍ଦ୍ର ପ୍ରଧାନ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହାବାଦ ୟୁଜିସି, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶାଳୟରୁ ଜଣେ ଲେଖାଏଁ ପ୍ରତିନିଧି ମନୋନୀତ ହୋଇ ଏହି କମିଟିରେ ସଭ୍ୟ ଭାବେ ସ୍ଥାନ ପାଇବେ। ଏହାସହ କଲେଜର ଅଧକ୍ଷ ଶିବଚରଣ ମାଝି ସମ୍ପାଦକ ଦାୟିତ୍ୱ ତୁଲାଇବେ । ଏହି କମିଟିର ସମୟ ସୀମା ୩ ବର୍ଷ ପର୍ଯ୍ୟନ୍ତ ରହିବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି।

# ମାଛଧରା ବୋଟ୍‌ରେ ଲାଗିଲା ଜିପିଏସ୍

**କେନ୍ଦ୍ରାପଡ଼ା ଅଫିସ,୧୬।୬**



ଗହୀରମଥାରେ ଲାଗିଥିବା ଭାସମାନ ବୋ ।


ଅଲିଭ ରିଡଲେ କଇଁଛ ।

■ଅଲିଭ ରିଡଲେଙ୍କ ସୁରକ୍ଷା ଚିନ୍ତା
■କାର୍ଯ୍ୟକାରୀ ହେଲା ହାଇକୋର୍ଟଙ୍କ ନିର୍ଦ୍ଦେଶ
■ପ୍ରଥମ ପର୍ଯ୍ୟାୟରେ ୯୦ ମାଛଧରା ବୋଟ୍ ସାମିଲ
■ଚିଙ୍ଗୁଡ଼ି ଘେରି ଉଚ୍ଛେଦକୁ ପ୍ରଶାସନର ଅଣଦେଖା

ଗତ ମାର୍ଚ୍ଚ ୧୬ରେ ଭିତରକନିକାର ବିରଳ ଅଲିଭ ରିଡଲେଙ୍କ ସୁରକ୍ଷାକୁ ନେଇ ଓଡ଼ିଶା ହାଇକୋର୍ଟ ଦୁଇଟି ନିର୍ଦ୍ଦେଶ ଦେଇଥିଲେ। ପ୍ରଥମଟି ନିଷିଦ୍ଧାଞ୍ଚଳ ଭିତରକୁ ନ ପଶିବା ପାଇଁ ମାଛଧରା ବୋଟ୍‌ରେ ଜିପିଏସ୍ (ଗ୍ଲୋବାଲ ପୋଜିଶନିଂ ସିଷ୍ଟମ) ଲଗାଇବା, ଦ୍ୱିତୀୟଟି ତଟବର୍ତ୍ତୀ ଅଞ୍ଚଳରେ ଚିଙ୍ଗୁଡି ଘେରି ଉଚ୍ଛେଦ କରିବା । ଏହା ସହିତ ସାଟେଲାଇଟ ମାଧ୍ୟମରେ ଚିଙ୍ଗୁଡି ଘେରି ଚିହ୍ନଟ ସହ ଉଚ୍ଛେଦ ଓ ଚାଷୀଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ହାଇକୋର୍ଟ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ସେହି ନିର୍ଦ୍ଦେଶନାମା ଅନୁଯାୟୀ ପ୍ରାୟ ୯୦ଟି ବୋଟ୍ ଓ ଟ୍ରଲରରେ ଜିପିଏସ୍ ଲାଗିଛି। ତେବେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କାର୍ଯ୍ୟ ଆଶାନୁରୂପ ହେଉ ନ ଥିବା ପରିବେଶବିତ୍ ଓ ସ୍ଥାନୀୟ ଲୋକେ କହିଛନ୍ତି। ଏ ସଂକ୍ରାନ୍ତରେ ମତ୍ସ୍ୟ (ସାମୁଦ୍ରିକ) ବିଭାଗ ସହ ନିର୍ଦ୍ଦେଶକ ମାନସ ରଞ୍ଜନ ସାହୁ କହିଛନ୍ତି, ଜାତୀୟ ଉଦ୍ୟାନ ଭିତରକନିକାର ଗହିରମଥା ହେଉଛି ବିଶ୍ୱର ଦୃଷ୍ଟି ଆକର୍ଷଣକାରୀ ବିରଳ ଅଲିଭ ରିଡଲେ କଇଁଛଙ୍କ ଅନ୍ତୁଡିଶାଳ । ପ୍ରତିବର୍ଷ ସେଠାରେ ୪ ଲକ୍ଷରୁ ଉର୍ଦ୍ଧ୍ୱ କଇଁଛଙ୍କ ସମାବେଶ ହୁଏ। ଏହି ସମୟରେ ଧାମରାରୁ ହୁକୁଟୋଲା ପର୍ଯ୍ୟନ୍ତ ୧୪୩୫ ବର୍ଗ କିଲୋମିଟର ଅଞ୍ଚଳକୁ ବନ ବିଭାଗ ଦ୍ୱାରା ମାଛଧରା ଉପରେ କଟକଣା ଜାରି କରାଯାଇଥାଏ। ତେବେ ସମୁଦ୍ର ମଝିରେ ସୀମା ଚିହ୍ନଟ ପ୍ରାଥମିକ ଅବସ୍ଥାରେ କଷ୍ଟକର ବ୍ୟାପାର। ଫଳରେ ସେହି ଅଞ୍ଚଳକୁ ବୋଟ୍, ଟ୍ରଲର, ଗିଲନେଟର ଆଦି ପ୍ରବେଶ କରିଥାଏ। ଫଳରେ ଅଲିଭ ରିଡଲେଙ୍କ ମରିବା ଆଶଙ୍କା ବୃଦ୍ଧି ପାଏ । ହାଇକୋର୍ଟ ସେହି ବିରଳ ପ୍ରଜାତି କଇଁଛଙ୍କ ସୁରକ୍ଷା ନେଇ ଚିନ୍ତା ବ୍ୟକ୍ତ କରିଛନ୍ତି। ଏଥିପାଇଁ ତଟଦେଶରୁ ୨୦ କିଲୋମିଟର ଦୂରରେ କେତେକ ବୋ (ସମୁଦ୍ରର ସୀମା ରେଖା ଚିହ୍ନଟ ରେଖା) ଲଗାଯାଇଛି । ତେବେ ଆବଶ୍ୟକ ବ୍ୟବଧାନରେ ବୋ ଲାଗି ନ ଥିବାରୁ ନିଷିଦ୍ଧାଞ୍ଚଳକୁ ମାଛଧରା ବୋଟ, ଟ୍ରଲର ଆଦି ପଶି ଯାଉଛନ୍ତି । ଏହାର ନିରାକରଣ ପାଇଁ ସମସ୍ତ ବୋଟ୍‌ରେ ଜିପିଏସ୍‌କୁ ବାଧ୍ୟତାମୂଳକ କରାଯାଇଛି । କେନ୍ଦ୍ରାପଡ଼ା ଜିଲା ମତ୍ସ୍ୟଜୀବୀ କଂଗ୍ରେସର ସଭାପତି ହଳଧର ସେଠୀ କହିଛନ୍ତି, କରୋନା ମହାମାରୀ ପାଇଁ ସମସ୍ତ ବୋଟ୍‌ରେ ଜିପିଏସ୍ ଲାଗି ପାରି ନାହିଁ । ତେବେ ୯୦ରୁ ଅଧିକ ବୋଟ୍, ଟ୍ରଲରରେ ଏହା ଲାଗିଛି । ମାଛଧରା କଟକଣା ଗତ ୧୫ରୁ ଉଠିଥିଲେ ମଧ୍ୟ ସମୁଦ୍ରକୁ ମାତ୍ର ୩୦ରୁ ୪୦ଟି ବୋଟ୍, ଟ୍ରଲର ଯାଉଥିବା ସେ ସୂଚନା ଦେଇଛନ୍ତି । ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି, ଅଲିଭ ରିଡଲେଙ୍କ ପାଇଁ ମାଛଧରା ବୋଟ୍ ପରି ଚିଙ୍ଗୁଡି ଘେରି ବଡ ବିପଦ ହୋଇଛି। ଜିଲାର ତଟବର୍ତ୍ତୀ ଅଞ୍ଚଳରେ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ହେକ୍ଟର ଜମିରେ ବେଆଇନ ଚିଙ୍ଗୁଡି ଘେରି ଗଢ଼ି ଉଠିଛି । ଏହି ଘେରିରୁ ଉଦ୍‌ବୃତ୍ତ ଗ୍ୟାସ ଓ ବର୍ଜ୍ୟବସ୍ତୁ ନଦୀ ନାଳ ମାଧ୍ୟମରେ ସମୁଦ୍ରରେ ମିଶୁଛି। ଫଳରେ ସ୍ଥାନୀୟ ପରିବେଶ ପ୍ରଦୂଷିତ ହେବା ସହ ସାମୁଦ୍ରିକ ପ୍ରାଣୀ ମୃତ୍ୟୁମୁଖରେ ପଡୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ଚିଙ୍ଗୁଡି ଘେରି ଉଚ୍ଛେଦ ପାଇଁ କଠୋର ନୀତି ଆପଣାଇବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ସାଟେଲାଇଟ ମାଧ୍ୟମରେ ଘେରି ଚିହ୍ନଟ ଓ ବେଆଇନ ଚାଷୀଙ୍କ ବିରୋଧରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମାତ୍ର କେନ୍ଦ୍ରାପଡ଼ା ଜିଲାରେ ଉଚ୍ଛେଦ କାର୍ଯ୍ୟ ଉତ୍ସାହଜନକ ନୁହେଁ। ଯେଉଁ କେତୋଟି ଘେରି ଉଚ୍ଛେଦ ହେଉଛି, ଦୁଇ ଦିନ ମଧ୍ୟରେ ଏହାର ବନ୍ଧକୁ ପୁନର୍ନିର୍ମାଣ କରାଯାଉଛି । ପ୍ରଶାସନିକ ଅବହେଳା ଆଗାମୀ ଦିନର ତଟରକ୍ଷୀ, ସାମୁଦ୍ରିକ ଓ ବନ୍ୟପ୍ରାଣୀଙ୍କ ପାଇଁ ବିପଦ ହେଉଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି । ଏପରି ଅଭିଯୋଗ ଉପରେ ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ କହିଛନ୍ତି, ଜିଲା ପ୍ରଶାସନ ଓ ବନ ବିଭାଗର ମିଳିତ ଉଦ୍ୟମରେ ଚିଙ୍ଗୁଡ଼ି ଘେରି ଚିହ୍ନଟ ସହ ଉଚ୍ଛେଦ ହେଉଛି । ବନ ବିଭାଗ ପକ୍ଷରୁ ସାମୁଦ୍ରିକ ନିଷିଦ୍ଧାଞ୍ଚଳ ସୀମାରେଖା ଚିହ୍ନଟ ପାଇଁ ଭାସମାନ ବୋ ଲଗାଯାଇଛି । ଏଥିସହ ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ପ୍ରବେଶ କରୁଥିବା ବୋଟ୍, ଟ୍ରଲର, ଗିଲନେଟର ମାଲିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

### ଯୁବକଙ୍କୁ ବନ୍ଧୁକରେ ଆକ୍ରମଣ, ୩ ଗିରଫ

**ରସୁଲପୁର,୧୬।୬(ଡି.ଏନ.ଏ.)**

କୁଆଖିଆ ଥାନା ଶ୍ରୀବନ୍ତପୁର ପଞ୍ଚାୟତ ବରମପୁର ଛକରେ ବାଇକ୍ ଚଳାଇବାକୁ ନେଇ ଗଣ୍ଡଗୋଳ ଘଟିଛି। ବାଇକ୍ ଚାଳାଉଥିବା ଯୁବକ ଯାଜପୁର ରୋଡ୍ ଥାନା ପାହାଙ୍ଗା ପଞ୍ଚାୟତ ଯୋକଡ଼ିଆ ଗ୍ରାମର ମହେନ୍ଦ୍ର ମଲ୍ଲିକ ବରମପୁର ଗ୍ରାମର ସୁରେଶ ରାଉତଙ୍କୁ ବନ୍ଧୁକରେ ଆକ୍ରମଣ କରିଛନ୍ତି। ଏନେଇ ସୁରେଶ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତାଙ୍କ ଅଭିଯୋଗ ଆଧାରରେ ମହେନ୍ଦ୍ର ଓ ତାଙ୍କର ୨ ସାଙ୍ଗ ଜ୍ଞାନରଞ୍ଜନ ମଲ୍ଲିକ, ବିକାଶ ମଲ୍ଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ପୋଲିସ ଏକ ବନ୍ଧୁକ ଓ ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ମାମଲା (ନଂ.୨୧୪/୧୬) ରୁଜୁ ହୋଇଛି। ସମସ୍ତ ଅଭିଯୁକ୍ତ ଗୋଟିଏ ଗାଁର ବୋଲି ପୋଲିସ କହିଛି। ମଙ୍ଗଳବାର ସନ୍ଧ୍ୟା ସମୟରେ ବରମପୁର ଗ୍ରାମର ସୁରେଶ ଓ ତାଙ୍କ ସାନଭାଇ ମାନଗୋବିନ୍ଦ ଗାଁ ମଶାଣି ନିକଟରେ ଛେଳି ଚରାଉ ଥିଲେ। ଏହି ସମୟରେ ସେହି ରାସ୍ତା ଦେଇ ଉପରୋକ୍ତ ୩ ଯୁବକ ସାଇଲେନ୍ସର ବିହୀନ ବାଇକ୍‌ରେ ଶବ୍ଦକରି ଯାଉଥିଲେ। ଏହାକୁ ଛେଳି ଜଗାଳି ଦୁଇଭାଇ ବିରୋଧ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ମହେନ୍ଦ୍ର ବନ୍ଧୁକରେ ସୁରେଶଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଏସ୍ଆଇ ଅନିତା ପ୍ରଧାନ ମାମଲାର ତଦନ୍ତ କରୁଛନ୍ତି।

# ଦିବାକରପୁରରେ ପୁଣି ଚିଙ୍ଗୁଡ଼ି ଘେରି ଭଙ୍ଗାଗଲା

**ରାଜନଗର,୧୬।୬(ଡି.ଏନ.ଏ.)**


ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ନେତୃତ୍ୱରେ ଚିଙ୍ଗୁଡ଼ି ଘେରି ଭଙ୍ଗାଯାଉଛି।

ରାଜନଗର ତହସିଲ ପକ୍ଷରୁ ଏପ୍ରିଲ ୨୨ରୁ ୨୭ ମଧ୍ୟରେ ୧୪୨ଟି ଘେରି ଭଙ୍ଗାଯାଇଥିବା ନେଇ ହାଇକୋର୍ଟଙ୍କୁ ତଥ୍ୟ ଦିଆଯାଇଥିଲା। ପ୍ରକୃତପକ୍ଷେ ଚିଙ୍ଗୁଡିଘେରିରୁ ଅର୍ଥ ଆଦାୟ କରି କେବଳ ନାଁକୁ ମାତ୍ର ଘେରି ଭଙ୍ଗାଯାଇଥିଲା। ଘେରିରୁ ପାଣିଗଡିନ ଥିଲା କିମ୍ବା ମାଛର କୌଣସି କ୍ଷତି ହୋଇ ନ ଥିଲା। ଏ ନେଇ ଆମିକସ୍‌କ୍ୟୁରି ମୋହିତ ଅଗ୍ରୱାଲା ଦିବାକରପୁର ମୌଜାରେ ଯେଉଁ ଘେରିଗୁଡିକ ରାଜନଗର ତହସିଲ ପକ୍ଷରୁ ଭଙ୍ଗା ଯାଇଛି ବୋଲି ଦର୍ଶାଯାଇଥିଲା, ସେଗୁଡିକ ଚାଲୁଥିବା ଫଟୋ ନ୍ୟାୟାଳୟକୁ ଦେଇଥିଲେ। ଏନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ସହ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ବୁଧବାର ପୁନର୍ବାର ଦିବାକରପୁର ମୌଜାରେ ପ୍ରଶାସନ ବେଆଇନ ଚିଙ୍ଗୁଡିଘେରି ଭଙ୍ଗା ଅଭିଯାନ ଆରମ୍ଭ କରିଛି। ହେଲେ ଘେରି ଭଙ୍ଗାଯିବା ପୂର୍ବରୁ ଶତାଧିକ ଚିଙ୍ଗୁଡି ଘେରିରୁ ବହୁ ଟନ ଚିଙ୍ଗୁଡି ଉଠାଇ ନିଆଯାଇଛି। ଏପରି କି ପ୍ରଶାସନ ଚିଙ୍ଗୁଡି ଘେରି ଭାଙ୍ଗିବାକୁ ପହଁଞ୍ଚିବା ବେଳକୁ କେତେକ ଘେରିରେ ମାଛ ଧରା ଯାଉଥିବା ଦେଖିବାକୁ ମିଳିଥିଲା। ହେଲେ ପ୍ରଶାସନ ସେହି ଚିଙ୍ଗୁଡିକୁ ଜବତ କରି ନ ଥିଲା।

ବୁଧବାର ଦିନ ପ୍ରାୟ ୧୧ଟା ସମୟରେ କେନ୍ଦ୍ରାପଡ଼ା ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ପ୍ରଶାସନିକ ଅଧିକାରୀମାନେ ଚିଙ୍ଗୁଡି ଘେରି ଭାଙ୍ଗିବା ପାଇଁ ଦିବାକରପୁର ମୌଜାରେ ପହଞ୍ଚିଥିଲେ। ଏହି ଟିମରେ ରାଜକନିକା, ପଟ୍ଟାମୁଣ୍ଡାଇ, ରାଜନଗର ତହସିଲଦାରଙ୍କ ସମେତ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ, ରାଜନଗର ଆଇଆଇସି ତପନ ନାୟକ, ସବ୍‌ଇନ୍ସପେକ୍ଟର ବିଜୟ କୁମାର ବରାଳ ଓ ଏକ ପ୍ଲାଟୁନ ଫୋର୍ସ ସାମିଲ ହୋଇଥିଲେ। ୨ ଜେସିବି ଓ ୪ ଶ୍ରମିକ ୮ଟି ଘେରି ଭାଙ୍ଗିଥିଲେ। ଗୁରୁବାର ଘେରି ଭଙ୍ଗାକୁ ଜୋରଦାର କରାଯିବ। ସମସ୍ତ ବେଆଇନ ଚିଙ୍ଗୁଡିଘେରିକୁ ପର୍ଯ୍ୟାୟ କ୍ରମେ ଭଙ୍ଗାଯିବ ବୋଲି କେନ୍ଦ୍ରାପଡା ଉପଜିଲାପାଳ ବେହେରା ସୂଚନା ଦେଇଛନ୍ତି। ପୂର୍ବରୁ ଭଙ୍ଗା ଯାଇଥିବା ଘେରିକୁ ଯେଉଁମାନେ ପୁଣି ଚଳାଇଥିଲେ ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଗର୍ତ୍ତେଶ୍ୱର ମନ୍ଦିରରେ ଶୀତଳଷଷ୍ଠୀ

**ରାଜନଗର,୧୬।୬(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ପ୍ରସିଦ୍ଧ ଶୈବପୀଠ ଗୋସିଗାଁସ୍ଥିତ ଗର୍ତ୍ତେଶ୍ୱର ମହାଦେବ ମନ୍ଦିରରେ ଶୀତଳ ଷଷ୍ଠୀ ଓ ଦେବ ଦମ୍ପତିଙ୍କ ବିବାହ ମଙ୍ଗଳବାର ସମାପନ ହୋଇଛି। ଚଳିତବର୍ଷ କୋଭିଡ୍ କଟକଣାକୁ ଆଖି ଆଗରେ ରଖି ମନ୍ଦିର ଭିତରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସକାଳେ ଗର୍ତ୍ତେଶ୍ୱର ମହାଦେବଙ୍କ ଜଳାଭିଷେକ ଓ ରୁଦ୍ରାଭିଷେକ କରାଯାଇଥିଲା। ଏହାପରେ ମନ୍ଦିର ପରିସରରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଶେଷ ହୋଇଥିଲା । ମା' ପାର୍ବତୀଙ୍କ ପିତା ଭାବେ ନୁରୁଗାଁର ଅକ୍ଷୟ କୁମାର ସ୍ୱାଇଁ ଏବଂ ବାବା ଗର୍ତ୍ତେଶ୍ୱରଙ୍କ ପିତା ଭାବେ ଜରିମୂଳର ନିମାଇଁ ଚରଣ ରାଉତ ବିଧି ଅନୁଯାୟୀ ଦେବନୀତି କରିଥିଲେ।

### ଭାରରେ ଗାଁକୁ ଆସିଲା ମୃତଦେହ


ଗାଁର ଯୁବକମାନେ ଭାରରେ ମୃତଦେହ ଗାଁକୁ ନେଉଛନ୍ତି ।

**ମହାକାଳପଡ଼ା,୧୬।୬(ଡି.ଏନ.ଏ.)**

■ବାଟରେ ଛାଡ଼ି ପଳାଇଲା ଆମ୍ବୁଲାନ୍ସ
■ପାଣି କାଦୁଅ ରାସ୍ତାକୁ ନେଇ ଚିନ୍ତା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ପେଟଛେଲା ପଞ୍ଚାୟତ ଜଙ୍ଗଲଘେରା ଜନଜାତିପଡ଼ାକୁ ରାସ୍ତାଟିଏ ନାହିଁ । ରାସ୍ତା ଯାହାକୁ କୁହାଯାଉଛି ତାହା ପାଣି କାଦୁଅରେ ପୂର୍ଣ୍ଣ । ସେହି ରାସ୍ତାରେ ପାଦରେ ଚାଲିକରି ଯିବା ବି ବିପଦସଙ୍କୁଳ। ଏଥିଯୋଗୁ ଜରୁରୀ ପରିସ୍ଥିତିରେ ବି ଆମ୍ବୁଲାନ୍ସ ଗାଁକୁ ଆସିପାରୁନାହିଁ। ସେଥିପାଇଁ ବୁଧବାର ଗାଁର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଆଣିଥିବା ଆମ୍ବୁଲାନ୍ସ ଅଧାବାଟରେ ଛାଡ଼ି ଚାଲି ଯାଇଥିଲା । ଗାଁର ଯୁବକମାନେ ଭାରରେ ମୃତଦେହକୁ ଗାଁକୁ ଆଣିବାକୁ ବାଧ୍ୟ ହୋଇଥିଲେ । ଏହି ଘଟଣା ଏବେ ସ୍ଥାନୀୟ ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି ।

ସୂଚନା ଅନୁଯାୟୀ, ଜନଜାତିପଡ଼ାର ନରୋତ୍ତମ ନାୟକ (୬୨) ଗତ କିଛିଦିନ ତଳେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ବହୁ କଷ୍ଟରେ ନିଆଯାଇ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା । ବୁଧବାର ସକାଳୁ ପରିବାର ଲୋକେ ଏକ ଆମ୍ବୁଲାନ୍ସରେ ମୃତଦେହକୁ ଘରକୁ ଆଣିବାର ବ୍ୟବସ୍ଥା କରିଥିଲେ । ହେଲେ ମୁଖ୍ୟରାସ୍ତାଠାରୁ ଗାଁର ଦୂରତା ୨ କିମି । ସେହି ରାସ୍ତା ପାଣି କାଦୁଆରେ ଭରି ରହିଛି । ଚାଳକ ସେହି ରାସ୍ତାରେ ଆମ୍ବୁଲାନ୍ସ ଚଳାଇ ଗାଁକୁ ଯିବାକୁ ମନା କରିଦେଇଥିଲେ। ଫଳରେ ମୁଖ୍ୟ ରାସ୍ତାରେ ଚାଳକ ମୃତଦେହକୁ ଆମ୍ବୁଲାନ୍ସରୁ ଓହ୍ଲାଇ ଦେଇଥିଲେ । ଏହାପରେ ଗାଁର ଯୁବକମାନେ ଏକ ଭାର କରି ମୃତଦେହକୁ ଗାଁକୁ ନେଇଥିଲେ । ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ସ୍ଥାନୀୟ ଜନପ୍ରତିନିଧିଙ୍କ ଦାୟିତ୍ୱହୀନତା ଯୋଗୁ ଏହି ଜନଜାତି ପଡ଼ାକୁ ରାସ୍ତା ନିର୍ମାଣ ହୋଇପାରି ନ ଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବାକୁ ସାମାଜିକ କର୍ମୀ ପ୍ରସନ୍ନ କୁମାର ବେହେରା, ପବିତ୍ର ବେହେରାଙ୍କ ସମେତ ଅନେକ ବୁଦ୍ଧିଜୀବୀ ଦାବି କରିଛନ୍ତି ।

# ଯୁବତୀଙ୍କ ନଗ୍ନ ଫଟୋ ଭାଇରାଲ, ଯୁବକ ଗିରଫ

**ରାଜନଗର,୧୬।୬(ଡି.ଏନ.ଏ.)**

**ପ୍ରେମ ସମ୍ପର୍କ ପରେ ବ୍ଲାକ୍‌ମେଲିଂ**

ପ୍ରେମ ସମ୍ପର୍କ ପରେ ପ୍ରେମିକାଙ୍କ ନଗ୍ନ ଫଟୋ ଉଠାଇ ବ୍ଲାକମେଲିଂ କରିବା ଓ ପରେ ଟଙ୍କା ଦାବି କରି ସେହି ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଘଟଣା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏହି ଘଟଣାରେ ପୋଲିସ ଯାଜପୁର ସଦର ଥାନା ଅଧୀନ ରିଷିପୁର ଗାଁର ଧନଞ୍ଜୟ ବିଶ୍ୱାଳ ନାମକ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ, ଡାଙ୍ଗମାଳ ଅଞ୍ଚଳର ଯୁବତୀଙ୍କ ସହ ଧନଞ୍ଜୟ(୨୪)ଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସେ ଭିଡିଓ ଚାଟ୍‌ରେ ପ୍ରେମିକାଙ୍କ ସହ କଥା ହେଉଥିଲେ। ଏହି ସୁଯୋଗରେ ସେ ଯୁବତୀଙ୍କ ନଗ୍ନ ଫଟୋ ଓ ଭିଡିଓ ସଂଗ୍ରହ କରିଥିଲେ। ଏହାପରେ ଯୁବତୀଙ୍କୁ ପେଣ୍ଠ ବେଳାଭୂମିକୁ ଡାକି ବଳାତ୍କାର ଉଦ୍ୟମ କରିଥିଲେ। ଏହାକୁ ଯୁବତୀ ବିରୋଧ କରିଥିଲେ। ଏହାର କିଛି ଦିନ ପରେ ସମ୍ପୃକ୍ତ ଯୁବତୀଙ୍କ ଡାଙ୍ଗମାଳ ଅଞ୍ଚଳର ଅନ୍ୟଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏ କଥା ଜାଣିବା ପରେ ଧନଞ୍ଜୟ ସମ୍ପୃକ୍ତ ଯୁବତୀଙ୍କ ନଗ୍ନ ଫଟୋ ଦେଖାଇ ୨୦ହଜାର ଟଙ୍କା ମାଗିଥିଲେ। ଏ ସମ୍ପର୍କରେ ଯୁବତୀଙ୍କ ପରିବାର ଜାଣିବା ପରେ ନଗ୍ନ ଫଟୋ ଡିଲିଟ କରିଦେବାକୁ ଯୁବତୀଙ୍କ ବାପା ଓ ଜଣେ ଭଦ୍ରଲୋକ ଧନଞ୍ଜୟଙ୍କ ସହ କଥା ହୋଇଥିଲେ। ମାତ୍ର ଧନଞ୍ଜୟ ୨୦ ହଜାର ବଦଳରେ ୫୦ ହଜାର ଦାବି କରିଥିଲେ। ଟଙ୍କା ନ ପାଇଲେ ଭିଡିଓ ଭାଇରାଲ କରିଦେବେ ବୋଲି ଧମକ ଦେବା ସହ ଏକ ବେନାମୀ ଫେସ୍‌ବୁକ୍ ଆଇଡିରେ ଯୁବତୀଙ୍କ ସମସ୍ତ ନଗ୍ନ ଭିଡିଓ ଓ ଫଟୋ ଅପ୍‌ଲୋଡ କରିଥିଲେ। ଏହାପରେ ଯୁବତୀଙ୍କ ବାପା ତାଳଚୁଆ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ ଯାଜପୁରରୁ ଧନଞ୍ଜୟଙ୍କୁ ଗିରଫ କରିଛନ୍ତି। ତାଙ୍କ ମୋବାଇଲ ଫୋନ୍ ଜବତ କରାଯାଇଛି। ଧନଞ୍ଜୟଙ୍କ ହ୍ୱାଟ୍‌ସଆପ୍ ଓ ଫେସବୁକ୍ ଡାଟା ମଗାଯାଇଛି। ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ କହିଛନ୍ତି।

# ଆକାଂକ୍ଷା ଧର୍ମଶାଳା ରଜ କୁଇନ୍

**ଧର୍ମଶାଳା,୧୬।୬(ଡି.ଏନ.ଏ.)**

ଧର୍ମଶାଳା ବ୍ଲକ ଅଧୀନ ଜାରକା କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେସନ ପକ୍ଷରୁ ଚାଲିଥିବା ରଜ କୁଇନ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଧର୍ମଶାଳା ରଜ କୁଇନ୍ ଭାବେ ଗଡ଼ମଧୁପୁର ପଞ୍ଚାୟତର ଆକାଂକ୍ଷା ବିଶ୍ୱାଳ ମନୋନୀତ ହୋଇଛନ୍ତି। ତାଙ୍କୁ ପ୍ରଥମ ରଜ କୁଇନ୍ ମୁକୁଟ ପିନ୍ଧାଯିବା ସହ ଏକ ଲ୍ୟାପଟପ୍ ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଧର୍ମଶାଳା ନିର୍ବାଚନମଣ୍ଡଳୀର ୫୪ ପଞ୍ଚାୟତରୁ ୧୨୬୪ ଯୁବତୀ ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଥମ ରାଉଣ୍ଡରେ ୧୦୦ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ଦ୍ୱିତୀୟ ରାଉଣ୍ଡରେ ୧୦୦ ଜଣଙ୍କ ଭିତରୁ ୩୦ ଜଣଙ୍କୁ ଜଜ୍‌ମାନେ ଚୟନ କରିଥିଲେ। ତୃତୀୟ ରାଉଣ୍ଡରେ ୩୦ଜଣ ଚୟନ ହୋଇଥିବା ବେଳେ ୧୫ଜଣ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲେ। ବୁଧବାର ଶେଷ ରଜ ଅବସରରେ ଜାରକାସ୍ଥିତ କଳ୍ପତରୁ ଦାସ ଇଣ୍ଡୋର ହଲରେ ରଜ କୁଇନର ଫାଇନାଲ ରାଉଣ୍ଡ ହୋଇଥିଲା। ଏହି ଫାଇନାଲ ରାଉଣ୍ଡରେ ଜଜ୍‌ଭାବେ ଅଭିନେତ୍ରୀ ଉଶ୍ୱଶୀ ମିଶ୍ର, ଏଲିନା ଦାସ ଏବଂ ସୋଫିଆ ଆଲାମ୍ ଯୋଗଦେଇ ଆକାଂକ୍ଷାଙ୍କୁ ମନୋନୀତ କରିଥିଲେ। ରଜ କୁଇନ୍ ପ୍ରତିଯୋଗିତାରେ ଥିବା ବକ୍ତୃତା, ନୃତ୍ୟ, ଗୀତ, ରାମ୍ପ ୱାକ୍, ସାଧାରଣ ଜ୍ଞାନ ଏହି ୫ଟି ଇଭେଣ୍ଟରେ ଶ୍ରେଷ୍ଠ ବିଜେତା ଭାବେ ବକ୍ତୃତାରେ ଅର୍ଘ୍ୟରୁପା ନାୟକ, ନୃତ୍ୟରେ କବିତା ସାମଲ, ଗୀତରେ ଜ୍ୟୋତି କବି, ରାମ୍ପ୍‌ୱାକ୍‌ରେ ରଶ୍ମିରେଖା ଖଟୁଆ, ସାଧାରଣ ଜ୍ଞାନରେ ସୁଶ୍ରୀ ସୋନିତା ବିଶ୍ୱାଳ ରହିଛନ୍ତି। ସେମାନଙ୍କୁ ୫ହଜାର ଟଙ୍କା ସହିତ ପ୍ରମାଣପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମ ଧର୍ମଶାଳା ବିଜେଡି ଗାର୍ଲସ ୱିଙ୍ଗ ସଭାନେତ୍ରୀ କ୍ଷୀରାବ୍ଧୀ ତନୟା ମଲ୍ଲିକଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ସାଇନା ଖାତୁନ, ମଧୁସ୍ମିତା ମହାନ୍ତି, ଅନିତା ବେହେରା, ଲିସାରାଣୀ ମହାନ୍ତି, ସୌଦାମିନି ସାମଲ, ସ୍ମୃତିରେଖା ବେହେରା, ସୋନାଲିକା ପଣ୍ଡା ଏବଂ ଲିସା ସାହୁ ପ୍ରମୁଖ ସହଯୋଗ କରିଥିଲେ।



ରଜ କୁଇନ ଆକାଂକ୍ଷା ବିଶ୍ୱାଳଙ୍କୁ ଜଜ୍‌ମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ମହମ୍ମଦଜମାପୁର ଗ୍ରାମ ପୁରୁଷଶୂନ୍ୟ

**ଯାଜପୁର ଟାଉନ,୧୬।୬(ଡି.ଏନ.ଏ.)**


ମହମ୍ମଦଜମାପୁର ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

■ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା
■ଉଭୟ ପକ୍ଷରୁ ୫ଜଣଙ୍କୁ କୋର୍ଟଚାଲାଣ

ଯାଜପୁର ସଦର ଥାନା ଅଧୀନ ଛତିଶିଦେବିଲ ପଞ୍ଚାୟତ ମହମ୍ମଦଜମାପୁର ଗ୍ରାମର ବିଦ୍ୟାଧର ଖୁଣ୍ଟିଆଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଲାଗି ରହିଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଉଭୟ ପକ୍ଷରୁ ୫ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅନ୍ୟପକ୍ଷରେ ପୋଲିସ ଗିରଫଦାରି ଭୟରେ ମୃତ ଯୁବକଙ୍କ ଗାଁ ମହମ୍ମଦଜମାପୁର ପୁରୁଷ ଶୂନ୍ୟ ହୋଇପଡ଼ିଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗିରହିଥିବାରୁ ପୋଲିସ ପକ୍ଷରୁ ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏ ସଂକ୍ରାନ୍ତରେ ଯାଜପୁର ସଦର ଥାନା ପକ୍ଷରୁ ୨ଟି ପୃଥକ ମାମଲା (ନଂ.୧୪୧/୨୧ ଓ ୧୪୨/୨୧) ରୁଜୁ ହୋଇଛି।

ସୂଚନା ଅନୁସାରେ, ମହମ୍ମଦଜମାପୁର ଗ୍ରାମର ରାଜକିଶୋର ଖୁଣ୍ଟିଆଙ୍କ ସାନପୁଅ ବିଦ୍ୟାଧରଙ୍କ ମୃତଦେହ ୧୫ ଦିନ ପୂର୍ବେ ସନ୍ଦେହଜନକ ଭାବେ ସେହି ଗ୍ରାମ ନିକଟସ୍ଥ ଏକ ପଡ଼ିଆରୁ ମିଳିଥିଲା। ବିଦ୍ୟାଧରଙ୍କ ପରିବାର ଓ ଗ୍ରାମବାସୀ ଏହା ଏକ ସୁକଳ୍ପିତ ହତ୍ୟାକାଣ୍ଡ ବୋଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମୃତ ଯୁବକଙ୍କୁ ଘରୁ ଡାକିନେଇ ଥିବା ଯୁବକ ଓ ତାଙ୍କୁ ମାରିଥିବା ପାଖ ଗ୍ରାମ ଦଳେଇ ସାହିର କେତେଜଣ ଯୁବକଙ୍କ ନାମ ଅଭିଯୋଗରେ ଦର୍ଶାଯାଇଥିଲା। କିନ୍ତୁ ସଦର ଥାନା ପୋଲିସ ଅଭିଯୋଗକୁ ଗୁରୁତ୍ୱ ନ ଦେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଏହାକୁ ନେଇ ଉଭୟ ସାହିରେ ଉତ୍ତେଜନା ଲାଗି ରହିଥିଲା। ମଙ୍ଗଳବାର ଉଭୟ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଗୋଷ୍ଠୀ ସଂଘର୍ଷରେ ଉଭୟ ଗୋଷ୍ଠୀର ୫ଜଣ ଆହତ ହେବା ସହିତ ଦଳେଇ ସାହିର ୨ଟି ପରିବାରର ୨ ବଖରା ଘର ପୋଡ଼ି ପାଉଁଶ ହୋଇ ଯାଇଥିଲା। ଏପରି କି ଉକ୍ତ ଘରକୁ ଦଳେଇ ସାହିର ଲୋକ ନିଜେ ନିଆଁ ଲଗାଇ ଦେଇ ଅନ୍ୟ ଗୋଷ୍ଠୀଙ୍କ ନା ଦେଉଥିବା ସ୍ଥାନୀୟବାସୀ କହିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଧରଙ୍କ ମୃତ୍ୟୁକୁ ୧୫ ଦିନ ବିତିଯାଇଥିଲେ ମଧ୍ୟ ମୃତ୍ୟୁ ରହସ୍ୟ ଉପରୁ ପୋଲିସ ପରଦା ହଟାଇ ପାରିନାହିଁ। ସେପଟେ ପ୍ରମାଣ ପାଇ ମଧ୍ୟ ଥାନା ଅଧିକାରୀ ଅନ୍ଧାରରେ ବାଡି ବୁଲାଉଛନ୍ତି ବୋଲି ମହମ୍ମଦଜମାପୁର ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମଙ୍ଗଳବାର ରାତିରେ ପୋଲିସ ମୃତକଙ୍କ ଗାଁକୁ ଯାଇ ସେମାନଙ୍କ ଘର କବାଟ ଝରକା ଭାଙ୍ଗି ଗ୍ରାମର ୧୦ ଜଣଙ୍କୁ ଉଠାଇନେଇ ଥାନାରେ ଅଟକ ରଖିଛି। ଏପରି କି ପୋଲିସ ଘରେ ଘରେ ଥିବା ବୃଦ୍ଧାବୃଦ୍ଧଙ୍କୁ ମାଡ଼ମାରିବା ସହ ଝିଅବୋହୂଙ୍କୁ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ଥାନା ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

## ସଂକ୍ଷେପରେ

### ୧୨ ଫୁଟର ଅହିରାଜକୁ ଜଙ୍ଗଲରେ ଛଡ଼ାଗଲା



ନୂଆଗାଁ,୧୬।୬ (ଡି.ଏନ.ଏ.) ନୟାଗଡ଼ ଜିଲା ମହିପୁର ବନାଞ୍ଚଳ ମହିତମା ଅଧୀନ କୋରଡା ଗ୍ରାମରୁ ବୁଧବାର ସକାଳେ ଏକ ୧୨ ଫୁଟ ଲମ୍ବର ଅହିରାଜକୁ ବନ ବିଭାଗ କର୍ମଚାରୀମାନେ ଉଦ୍ଧାର କରି ଜଙ୍ଗଲରେ ଛାଡି ଦେଇଛନ୍ତି। ସୂଚନା ଅନୁଯାୟୀ, କୋରଡା ଗ୍ରାମର ନାରାୟଣ ଦାଶଙ୍କ ପାଇଖାନାରେ ଏକ ବିରାଟ ସାପ ଥିବା ଦେଖି ମହିତମା ସେକ୍ସନ ଫରେଷ୍ଟର ରାକେଶ କୁମାର ସାହୁଙ୍କୁ ଖବର ଦେଇଥିଲେ। ଫରେଷ୍ଟର ସାହୁ, ଗୁମି ଫରେଷ୍ଟର ବନମାଳୀ ରାଉତଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ ନାରାୟଣଙ୍କ ଘରେ ପହଞ୍ଚି ସାପଟି ଅହିରାଜ ବୋଲି ଚିହ୍ନଟ କରିଥିଲେ । ଏହାପରେ ସାପକୁ ଆୟତ୍ତ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା । କିଛି ସମୟ ଉଦ୍ୟମ ପରେ ବନ କର୍ମଚାରୀମାନେ ସାପକୁ ଧରି ଜଙ୍ଗଲରେ ଛାଡ଼ି ଦେଇଥିଲେ ।

### ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ମିଳୁନି

**ଉପଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶକୁ ଅଣଦେଖା**

**ନୟାଗଡ଼ ଅଫିସ,୧୬।୬:** ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ହରିହରପୁର ପଞ୍ଚାୟତର ଅସୁରଡ଼ିପା, ବଡପୁଟ ଓ କରଡା ଶାସନ ଗାଁରେ ୫୦ରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ପାଉ ନ ଥିବା ଅଭିଯୋଗ ହୋଇଛି । ରାଶନ କାର୍ଡ ପାଇ ନ ଥିବା ବ୍ୟକ୍ତିମାନେ ବାରମ୍ବାର ବିଡ଼ିଓ, ଉପଜିଲାପାଳ ଓ ଜିଲାପାଳଙ୍କୁ ଅବଗତ କରାଇଥିଲେ ମଧ ସୁଫଳ ମିଳିନାହିଁ । ଅସୁରଡ଼ିପା, ବଡପୁଟ ଓ କରଡା ଶାସନ ଗାଁର ୪୨ ହିତାଧିକାରୀ ରାଶନ କାର୍ଡ ପାଇବାକୁ ଯୋଗ୍ୟ ହୋଇଥିଲେ ହେଁ ସେମାନଙ୍କୁ ଅଣଦେଖା କରାଯାଇଥିବା ପଞ୍ଚାୟତର ୱାର୍ଡ ମେମ୍ବର କବିରାଜ ଦାଶ ଓ ମାଧବ ପ୍ରଧାନ ଅଭିଯୋଗ କରିଥିଲେ। ଏନେଇ ତଦନ୍ତ କରି ପଦକ୍ଷେପ ନେବାକୁ ଉପଜିଲାପାଳ ଓଡ଼ଗାଁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ବ୍ଲକ ପକ୍ଷରୁ କୌଣସି ତଦନ୍ତ କରା ନ ଯିବାରୁ ଯୋଗ୍ୟ ହିତାଧିକାରୀ ଭୋକ ଉପାସରେ ଦିନ କାଟୁଛନ୍ତି । ଏନେଇ ୱାର୍ଡମେମ୍ବର ଦାଶ କୁହନ୍ତି, ଅସୁରଡ଼ିପାର ୨୭, ବଡପୁଟରର ୧୧ ଓ କରଡା ଶାସନର ୪ ଜଣ ଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ପାଉ ନ ଥିବା ନେଇ ମୁଁ ଉପଜିଲାପାଳଙ୍କୁ ଅବଗତ କରିଥିଲି। ସେ ତୁରନ୍ତ ପଦକ୍ଷେପ ନେଇଥିଲେ। ହେଲେ ବିଡିଓ ଉପଜିଲାପାଳଙ୍କ ନିର୍ଦ୍ଦେଶକୁ ଅଣଦେଖା କରିବାରୁ ଆଜି ଏପରି ପରିସ୍ଥିତି ସୃଷ୍ଟି ହୋଇଛି ।

### ଚୋରି ଅଭିଯୋଗରେ ଜଣେ ଗିରଫ

ହିଞ୍ଜିଳିକାଟୁ,୧୬।୬(ଡି.ଏନ.ଏ):ହିଞ୍ଜିଳି ଥାନା ଆଡ଼ପଡ଼ା ଗ୍ରାମରେ ରବିବାର ରାତିରେ ଏକ ଔଷଧ ଦୋକାନ କବାଟ ଭାଙ୍ଗି ୧୭ ହଜାର ୫ଶହ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା। ଦୋକାନ ମାଲିକ ସନ୍ଦୀପ ସୁବୁଦ୍ଧିଙ୍କ ଅଭିଯୋଗ କ୍ରମେ ହିଞ୍ଜିଳି ପୋଲିସ ସୋମବାର ନଂ. ୩୧୧/୨୧ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଥିଲା। ଦୋକାନରେ ଲାଗିଥିବା ସିସିଟିଭି ଯାଞ୍ଚ ବେଳେ ଚୋରି ସମ୍ପର୍କରେ ସୂଚନା ମିଳିଥିଲା।

# ଚାନ୍ଦପୁରରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପାଇଁ ପ୍ରସ୍ତାବ

ନୟାଗଡ଼ ଅଫିସ,୧୬।୬

ନୟାଗଡ଼ ଜିଲା ରଣପୁର ବ୍ଲକ ଚାନ୍ଦପୁରସ୍ଥିତ ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ(ନିମାଂଶ) କରାଯିବା ପାଇଁ ପ୍ରସ୍ତାବ ରହିଛି । ଏନେଇ କେନ୍ଦ୍ର ସରକାରଙ୍କୁ ରାଜ୍ୟ ସରକାର ସୁପାରିଶ କରିଛନ୍ତି । କେନ୍ଦ୍ର ସରକାରଙ୍କ ସ୍ୱୀକୃତି ମିଳିଲେ ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ ନିବାସର ରୂପରେଖ ବଦଳିବ ବୋଲି ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବସନ୍ତ ମଞ୍ଜରୀ ଟି.ବି. ହସ୍ପିଟାଲ ଜେନେରାଲ ହସ୍ପିଟାଲରେ ପରିଣତ ହୋଇଥିଲା । ସରକାରଙ୍କ ପତ୍ରସଂଖ୍ୟା ୧୦୫୧୭ ତା୨୫।୦୩।୨୦୧୩ ରିଖ ଅନୁଯାୟୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଚାନ୍ଦପୁରଠାରେ ଅନୁଷ୍ଠିତ ଏକ ସଭାରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରକୁ ୩୦୦ ଶଯ୍ୟା ବିଶିଷ୍ଟ ଜେନେରାଲ ହସ୍ପିଟାଲ ରୂପେ ଘୋଷଣା କରିଥିଲେ। ୨୦୧୨ରେ କେନ୍ଦ୍ର ସରକାରଙ୍କଠାରୁ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପାଇଁ ଓଡ଼ିଶା ସରକାରଙ୍କୁ ପ୍ରସ୍ତାବ ଆସିଥିଲା । ଏକଥା ଜାଣିବା ପରେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଚାନ୍ଦପୁରଠାରେ ଉକ୍ତ ଅନୁଷ୍ଠାନ ହେବାପାଇଁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ତାହା କାର୍ଯ୍ୟକାରୀ ନ ହେବାରୁ ଓଡ଼ିଶା ସରକାର ଟି.ବି. ହସ୍ପିଟାଲକୁ ଜେନେରାଲ ହସ୍ପିଟାଲ କରିବା ପାଇଁ ଘୋଷଣା କରି କୋଠା ନିର୍ମାଣ ପାଇଁ ୫ କୋଟି ଟଙ୍କା




ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟକେନ୍ଦ୍ର ।

- **କେନ୍ଦ୍ର ସରକାରଙ୍କୁ ସୁପାରିସ କଲେ ରାଜ୍ୟ ସରକାର**
- **ସ୍ୱୀକୃତି ମିଳିଲେ ବଦଳିବ ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପରେଖ**

ଅନୁଦାନ ପ୍ରଦାନ କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୧୩ରେ ମୁଖ୍ୟମନ୍ତ୍ରୀ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ବିଭାଗୀୟ ନୋଟିଫିକେଶନ୍ ହୋଇ ନ ପାରିବାରୁ କୋଠା ନିର୍ମାଣ ସରିଥିଲେ ମଧ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇପାରୁ ନ ଥିଲା। ୨୦୧୯ ନଭେମ୍ବର ୪ରେ ବସନ୍ତ ମଞ୍ଜରୀ ସାଧାରଣ ହସ୍ପିଟାଲ କାର୍ଯ୍ୟକାରିତା ନିମନ୍ତେ ପୁଣି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ସିଡିଏମ୍ଓ, ହସ୍ପିଟାଲ ଅଧୀକ୍ଷକ ଓ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଫିସରମାନଙ୍କ ଉପସ୍ଥିତିରେ ଏକ ବୈଠକ ହୋଇଥିଲା। ନୋଟିଫିକେଶନ୍ ତୁରନ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ କୋଭିଡ୍ର ପ୍ରଥମ ଲହର ଯୋଗୁ ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରି ନ ଥିଲା । ଏଣୁ ପୁନର୍ବାର ବିଧାୟକଙ୍କ ଉଦ୍ୟମ କ୍ରମେ ୨୦୨୧ ମାର୍ଚ୍ଚ ୨୬ ଅତିରିକ୍ତ ମୁଖ୍ୟ ଶାସନ ସଚିବ (ସ୍ୱାସ୍ଥ୍ୟ)ଙ୍କ ଅଧ୍ୟକ୍ଷତାରେ ସ୍ୱାସ୍ଥ୍ୟ ବିଭାଗର ଚିଠି ନଂ. ୯୨୮୩ ତା୨୫।୦୩।୨୧ରିଖ ଅନୁଯାୟୀ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ, ରଣପୁର ବିଧାୟକ, ନୟାଗଡ଼ ଜିଲାପାଳ, ସିଡ଼ିଏମ୍ଓ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ଚାନ୍ଦପୁର ହସ୍ପିଟାଲର ଅଧୀକ୍ଷକ ଯୋଗ ଦେଇଥିଲେ। ବୈଠକରେ ଅତିରିକ୍ତ ମୁଖ୍ୟଶାସନ ସଚିବ (ସ୍ୱାସ୍ଥ୍ୟ) କେନ୍ଦ୍ର ସରକାରଙ୍କଠାରୁ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ (ନିମାଂସ) ପ୍ରତିଷ୍ଠା ନିମନ୍ତେ ପ୍ରସ୍ତାବ ପୁନର୍ବାର ଆସିଥିବା କଥା ପ୍ରକାଶ କରିଥିଲେ । ଚାନ୍ଦପୁର ସମେତ ଆଉ ଦୁଇଟି ସ୍ଥାନରେ ଏଥିପାଇଁ ସରକାରଙ୍କ ବିଚାରଧୀନ ଥିବା ପ୍ରକାଶ କରିଥିଲେ। ବୈଠକରେ ରଣପୁର ବିଧାୟକ ଚାନ୍ଦପୁର ଏଥିପାଇଁ ଉପଯୁକ୍ତ ସ୍ଥାନ ବୋଲି ଯୁକ୍ତି ଉପସ୍ଥାପନ କରିଥିଲେ। ପରେ ସ୍ୱାସ୍ଥ୍ୟମନ୍ତ୍ରୀ ବିଧାୟକଙ୍କ କଥାକୁ ଗ୍ରହଣ କରି ସ୍ୱାସ୍ଥ୍ୟ ସଚିବଙ୍କୁ ଚାନ୍ଦପରୁ ଉପଯୁକ୍ତ ସ୍ଥାନ ଏବଂ ଏଥି ନିମନ୍ତେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ବୈଠକର ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ଚିଠି ନଂ. ୧୨୬୧୬ ତା୨୮।୦୪।୨୦୨୧ ରିଖରେ କେନ୍ଦ୍ର ସରକାରଙ୍କୁ ଚାନ୍ଦପୁର ଠାରେ ନିମାଂସ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ପଠାଯାଇଛି। ଏନେଇ ରଣପୁର ବିଧାୟକ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଚାନ୍ଦପୁରରେ ପ୍ରତିଷ୍ଠା ହେବା ପାଇଁ ପ୍ରସ୍ତାବ ଦିଆଯାଇଛି । ପ୍ରସ୍ତାବକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପୁରୀ ଏମ୍ପି ପିନାକୀ ମିଶ୍ର କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ସଚିବଙ୍କୁ ଅନୁରୋଧ କରିଛନ୍ତି ।

# ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ଦାବି, ୨୨ରୁ ଗଣଧାରଣା

ଖଣ୍ଡପଡ଼ା,୧୬।୬ (ସ୍ୱ.ପ୍ର.)

ଖଣ୍ଡପଡ଼ା, ଭାପୁର ଓ ଗଣିଆ ବ୍ଲକ ଅଞ୍ଚଳରେ ବାରମ୍ବାର ବିଦ୍ୟୁତ୍ କାଟକୁ ନେଇ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବାରମ୍ବାର ଦାବି ପରେ ବି ଏହି ସମସ୍ୟାର ସ୍ଥାୟୀ ସମାଧାନ ହେଉନାହିଁ । ଏହାର ପ୍ରତିବାଦରେ ଭାରତୀୟ ବିକାଶ ପରିଷଦ ଖଣ୍ଡପଡ଼ା ଶାଖା ପକ୍ଷରୁ ଆସନ୍ତା ୨୨ ତାରିଖରୁ ଗଣଧାରଣା ଦିଆଯିବ ବୋଲି ଘୋଷଣା କରାଯାଇଛି ।

ଭାରତୀୟ ବିକାଶ ପରିଷଦର ଖଣ୍ଡପଡ଼ା ବ୍ଲକ ସଭାପତି ନିରଞ୍ଜନ ଦାସ ବୁଧବାର ଖଣ୍ଡପଡ଼ାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଖଣ୍ଡପଡ଼ା ବିଦ୍ୟୁତ୍ ବିଭାଗ (ଟିପିସିଓଡିଏଲ) କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୨୨ ତାରିଖ ପୂର୍ବାହ୍ନ ୧୦ଟାରୁ ଧାରଣା ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି। ତୁରନ୍ତ ଖଣ୍ଡପଡ଼ାରେ ବିଦ୍ୟୁତ୍ ଗ୍ରୀଡ ପ୍ରତିଷ୍ଠା, ଖଳିସାହି ପଞ୍ଚାୟତର କୋଟପୋଖରୀ ଗ୍ରାମ ନିକଟରେ ନିର୍ମାଣଧୀନ ବିଦ୍ୟୁତ୍ ସବଷ୍ଟେଶନକୁ କାର୍ଯ୍ୟକ୍ଷମ କରିବା ଆଦି ଦାବି କରାଯାଇଛି ।

# କଦଳୀ ଚୋର ଆକ୍ରମଣରେ ବଡ଼ପୁଅ ମୃତ

**ସାନ ଗୁରୁତର, ଅଭିଯୁକ୍ତ ଗିରଫ**

ଖଣ୍ଡପଡ଼ା,୧୬।୬ (ସ୍ୱ.ପ୍ର.)

ଜଣେ ବ୍ୟକ୍ତିଙ୍କ ଘର ଆଗରେ ହୋଇଥିବା କଦଳୀ ଚୋରି କରିବାକୁ ଆସିଥିବା ଜଣେ ଯୁବକଙ୍କ ଛୁରା ମାଡ଼ରେ ବଡପୁଅଙ୍କ ମୃତ୍ୟୁ ଘଟିଛି। ସାନ ପୁଅ ଗୁରୁତର ହୋଇଛନ୍ତି। ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଧୀନ ବେଣାଗାଡିଆ ପଞ୍ଚାୟତ କାଦୁଆ ଗ୍ରାମରେ ମଙ୍ଗଳବାର ରାତିରେ ଏହି ଦୁଃଖଦ ଘଟଣା ଘଟିଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ମୃତଦେହକୁ ପୋଲିସ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ସୂଚନା ଅନୁଯାୟୀ, କାଦୁଆ ଗ୍ରାମର ପଞ୍ଚାନନ ମଳିକଙ୍କ ଘର ଆଗରେ ଥିବା କଦଳୀ ଗଛରୁ ବେଣାଗାଡ଼ିଆ ଗ୍ରାମର କାଠିଆ ସ୍ୱାଇଁ ମଙ୍ଗଳବାର ରାତି ପ୍ରାୟ ୯ଟା ବେଳେ କଦଳୀ ଚୋରି କରୁଥିଲେ। ଏହାଦେଖି ପଞ୍ଚାନନଙ୍କ ବଡପୁଅ ରମେଶ କାଠିଆଙ୍କୁ ଧରିବାକୁ ଉଦ୍ୟମ କରିଥିଲେ । ହେଲେ କାଠିଆ ଏକ ସାଇକେଲରେ ସେଠାରୁ ଖସି ଯିବାକୁ ଚେଷ୍ଟା କରିଥିଲେ। ହେଲେ ରମେଶ ଓ ତାଙ୍କ ସାନ ଭାଇ ବାବୁଲା ଏକ ବାଇକ୍‌ରେ କାଠିଆଙ୍କ ପିଛା କରିବାରୁ ସେ ପାଖରେ ରଖିଥିବା ଛୁରିରେ ରମେଶଙ୍କୁ ଆକ୍ରମଣ କରିଥିଲେ । ରମେଶଙ୍କୁ ରକ୍ଷା କରିବାକୁ ବାବୁଲା ଉଦ୍ୟମ କରୁଥିବା ବେଳେ କାଠିଆ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ରମେଶଙ୍କ ମୃତ୍ୟୁ ଘଟିଥିବା ବେଳେ ବାବୁଲା ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଖବର ପାଇ ପୋଲିସ କାଠିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସମ୍ପର୍କରେ ଖଣ୍ଡପଡ଼ା ଥାନାରେ ଏକ ମାମଲା (ନଂ.୧୧୬/୨୧) ରୁଜୁ ହୋଇଛି ।

# ରଥଯାତ୍ରା ଦାବିରେ ଜଗନ୍ନାଥ ସେନାର ବିକ୍ଷୋଭ



ରଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ନୟାଗଡ଼ ଅଫିସ,୧୬।୬

ନୟାଗଡ଼ ଜିଲା ରଣପୁରରେ ରଥଯାତ୍ରା ପାଇଁ ଦାବି କରିଛି ଜଗନ୍ନାଥ ସେନା । ଚଳିତ ବର୍ଷ କେବଳ ପୁରୀରେ ଶ୍ରୀଜୀଉଙ୍କ ରଥଯାତ୍ରା ହେବ । କୋଭିଡ୍ କଟକଣା ପାଇଁ ଅନ୍ୟ କୌଣସି ସ୍ଥାନରେ ରଥଯାତ୍ରା ହେବ ନାହିଁ ବୋଲି ରାଜ୍ୟ ସରକାର ଘୋଷଣା କରିବା ପରେ ଜଗନ୍ନାଥ ସେନା ଏହି ନିଷ୍ପତ୍ତିକୁ ବିରୋଧ କରିଛି। ବୁଧବାର ରଣପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ସେବାୟତ,ବୁଦ୍ଧିଜୀବୀଙ୍କ ସମେତ ଜଗନ୍ନାଥ ସେନା କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରିବା ସହ ସରକାର ସେମାନଙ୍କ ଦାବିକୁ ଗ୍ରହଣ କରନ୍ତୁ ବୋଲି ଅନୁରୋଧ କରିଛନ୍ତି । ୧୩ଶହ ଶତାବ୍ଦୀରୁ ଆୟୋଜିତ ହୋଇ ଆସୁଥିବା ରଥଯାତ୍ରାକୁ କୋଭିଡ୍ କଟକଣା ଆଳରେ ବନ୍ଦ କରାଯାଇ ପାରିବ ନାହିଁ ବୋଲି ଆନ୍ଦୋଳନକାରୀମାନେ କହିଛନ୍ତି । ଏନେଇ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଓ ରଣପୁର ତହସିଲଦାରଙ୍କ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ଏନେଇ ଏକ ପ୍ରସ୍ତାବ ପାରିତ ହୋଇଛି । ବିଧାୟକ ପ୍ରଧାନ ଆଇନମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ଚିଠି ଲେଖି ରଥଯାତ୍ରା କରାଇବା ପାଇଁ ଦାବି କରିଛନ୍ତି । ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଉପଦେଷ୍ଟା ପ୍ରଶାନ୍ତ ମିଶ୍ର ଓ ଜଗନ୍ନାଥ ସେନାର ପ୍ରିୟବ୍ରତ ପ୍ରହରାଜ କୁହନ୍ତି, ୨ୟ ଶ୍ରୀକ୍ଷେତ୍ର ହେଉଛି ରଣପୁର । ସେଠାରେ କୋଭିଡ୍ କଟକଣା ମଧ୍ୟରେ ରଥଯାତ୍ରା ହେଉ । ଶ୍ରୀଜୀଉଙ୍କ ରଥଯାତ୍ରା ବନ୍ଦ କରିବା ଶୁଭ ସଙ୍କେତ ନୁହେଁ ବୋଲି ସେମାନେ କହିଛନ୍ତି ।

## ୧୦୭ କେଜି ଗଞ୍ଜେଇ ଜବତ, ୩ ଗିରଫ

ଫୁଲବାଣୀ ଅଫିସ, ୧୬।୬

ଗୋଚ୍ଛାପଡା ଥାନା ପୋଲିସ ସଲାଗୁଡା ପଞ୍ଚାୟତ ତାମ୍ବିସୁଖାଗାଁ ପାଖ ସୁନାମୁଦି ପୋଲ ଉପରେ ଚଢ଼ାଉ କରି ୧୦୭ କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଝାରଖଣ୍ଡ ରାଜ୍ୟ ଜାମସେଦପୁର ଜିଲା ଆଜଦନଗର ଗାଁ ର ଏମଡି. କାଲାମ ଓ ଇଜାଜ ଆଲାମ, ସମ୍ବଲପୁର ଜିଲା ରେଢାଖୋଲ ଥାନା କେନ୍ଦୁପଟାଗାଁର ସୋନୁ ଷାଣ୍ଢ । ବିଶେଷ ସୂତ୍ରରୁ ଖବରପାଇ ଗୋଚ୍ଛାପଡା ପୋଲିସ ଏକ ଟିମ୍ ଗଠନ କରି ଉକ୍ତ ପୋଲ ପାଖରେ ରହିଥିଲା। ଦୁଇଟି ବାଇକରେ ଅଭିଯୁକ୍ତମାନେ ଆସୁଥିବା ବେଳେ ସେମାନଙ୍କୁ ଅଟକାଇ ଗଞ୍ଜେଇ ଜବତ କରାଯାଇଥିଲା । ଏ ନେଇ ୩୬/୨୧ରେ ମାମଲା ରୁଜୁ ହୋଇଛି।

## ଟାଟା ଏସିଇ ସହ ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ

ବ୍ରହ୍ମପୁର ଅଫିସ,୧୬।୬

ବ୍ରହ୍ମପୁର ଅବକାରୀ ଗୋଇନ୍ଦା ବିଭାଗ ଦିଗପହଣ୍ଡି ରୋଡ଼ ମହୁରୀକାଲୁଆ ଛକରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରିଛି। ଏକ ଟାଟା ଏସିଇ ଗାଡ଼ି ଯାଞ୍ଚ ପରେ ଡାଲାରେ ପ୍ଲାଷ୍ଟିକ୍ ବ୍ୟାଗରେ ବନ୍ଧା ହୋଇଥିବା ୧୫୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ଗାଡ଼ି ଡ୍ରାଇଭର୍ କେ. ବୀର ଏଞ୍ଜାନେୟୁଲୁ (୨୬)ଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଯୁବକଙ୍କ ଘର ଆନ୍ଧ୍ରପ୍ରଦେଶର ପ୍ରକାଶମ ଜିଲାରେ ହୋଇଥିବା ବେଳେ ସେ ଗଜପତି ଜିଲା ମୋହନା ଥାନା ମାଣିକପୁର ଗ୍ରାମରେ ରହୁଛନ୍ତି। ଗଜପତି ଜିଲାରୁ ସେ ଗଞ୍ଜେଇ ଆଣି ଆନ୍ଧ୍ର ନେଇଥାନ୍ତେ ବୋଲି ତଦନ୍ତରେ ଜଣାପଡ଼ିଛି। ଜବତ ଗଞ୍ଜେଇର ମୂଲ୍ୟ ୭ ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

# ଛତିଶଗଡ଼ ପୋଲିସ ଦ୍ୱାରା ଯୁବକ ଗିରଫ

**୯ କୋଟି ଟଙ୍କା ଠକେଇ ଅଭିଯୋଗ**

ଓଡଗାଁ,୧୬।୬ (ସ୍ୱ.ପ୍ର.)

ଓଡ଼ଗାଁ ଆଦର୍ଶ ଥାନା ଓ ପାଣ୍ଡେରୀପଡ଼ା ପଞ୍ଚାୟତ ଭାଳିଆଡ଼ିହି ଗ୍ରାମରୁ ଜଣେ ଯୁବକଙ୍କୁ ଛତିଶଗଡ଼ ପୋଲିସ ବୁଧବାର ଗିରଫ କରିଛି । ପ୍ରାୟ ୯ କୋଟି ଟଙ୍କା ଠକେଇ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି । ଗିରଫ ଯୁବକଙ୍କ ନାମ ରୁଦ୍ରମାଧବ ମହାନ୍ତି (୨୮) । ସେ ଛତିଶଗଡରେ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରେ ସହକାରୀ ପରିଚାଳକ ଥିବା ବେଳେ ଏହି ଟଙ୍କା ଆତ୍ମସାତ୍ କରି ୨ ମାସ ହେଲା ଗାଁକୁ ଚାଲିଆସିଥିଲେ । ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ପୋଲିସ ସହାୟତାରେ ଛତିଶଗଡ ପୋଲିସ ରୁଦ୍ରମାଧବଙ୍କ ଘରକୁ ଘେରିଯାଇ ତାଙ୍କୁ କାବୁ କରିବାରେ ସଫଳ ହୋଇଥିଲେ । ଏନେଇ ସ୍ଥାନୀୟ ପୋଲିସକୁ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରିଥିଲେ ସୁଦ୍ଧା କେହି ଫୋନ ରିସିଭ କରି ନ ଥିଲେ। ଅନ୍ୟପକ୍ଷେ ଜଣେ ପୋଲିସଙ୍କ ସୂଚନା ଅନୁସାରେ ଅଭିଯୁକ୍ତଙ୍କୁ ଗିରଫ କରି କୋଭିଡ୍ ଟେଷ୍ଟ ପାଇଁ ଅନ୍ୟତ୍ର ନିଆଯାଇଛି।

# ଘାଟିରେ ଅଟୋ ଓଲଟି ଶ୍ରମିକ ମୃତ, ୧୨ ଗୁରୁତର

ପାରଳାଖେମୁଣ୍ଡି/ରାୟଗଡ଼, ୧୬।୬(ଡି.ଏନ୍.ଏ.)

ରାୟଗଡ଼ ଥାନା ଅଧୀନ ରାଶିବାଡ଼ ଘାଟିରେ ବୁଧବାର ଏକ ଡାଲା ଅଟୋ ଓଲଟି ପଡ଼ିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ୧୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ସୁନ୍ଦରଗଡ଼ ଜିଲାର ରାଣୀ ବେର୍ନା ଗ୍ରାମର ସୁରସେନ (୧୮) । ବଲାଙ୍ଗୀର, ସୁନ୍ଦରଗଡ଼ ଓ କେନ୍ଦୁଝର ଜିଲାର ଶ୍ରମିକମାନେ ରାୟଗଡ଼ ବ୍ଲକର ବୁରୁଖାତ ଓ କଇଁପୁର ଆଦି ବିଭିନ୍ନ ଅଞ୍ଚଳରେ ପ୍ରାୟ ଏକ ମାସ ଧରି ଜିଓ ନେଟୱର୍କ କାମରେ ନିୟୋଜିତ ଥିଲେ। ବୁଧବାର ସେମାନେ କାମ ସାରି ଏକ ଡାଲା ଅଟୋ (ଓଡି୦୭ଏଜି୨୫୧୫)ରେ ନିଜ ଘରକୁ ଯିବା ପାଇଁ ରାମଗିରିରୁ ଇଚ୍ଛାପୁର ଅଭିମୁଖେ ଯାଉଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ରାଶିବାଡ଼ି ଘାଟିରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଘଟଣାସ୍ଥଳରେ ସୁରସେନଙ୍କ ମୃତ୍ୟୁ ଘଟିଥିଲା। ଆହତମାନଙ୍କୁ ରାୟଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଆରିଏନ ଗାର୍ଡ (୧୮)ଙ୍କ ଅବସ୍ଥା ଗୁରୁତର ହେବାରୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଗାଡିର ଡ୍ରାଇଭର ଫେରାର୍ ଅଛନ୍ତି।

# ଡିଜିଟାଇଜେଶନ କାର୍ଯ୍ୟ ଦେଖିଲେ ପିଡି

ଶେରଗଡ଼,୧୬।୬(ଡି.ଏନ୍.ଏ.)

ଶେରଗଡ ବ୍ଲକର ୨୮ ଉଚ୍ଚ ବିଦ୍ୟାଳୟରେ ଡିଜିଟାଇଜେଶନ କାର୍ଯ୍ୟ ଚାଲୁଛି। ବିଭିନ୍ନ ସମୟରେ ଅଧିକାରୀମାନେ ପରିଦର୍ଶନରେ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରୁଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ସିନ୍ଧେ ଦତାତ୍ରେୟ ଭାଉସାହେବ ଶେରଗଡ ବ୍ଲକ ଗସ୍ତରେ ଆସି ୧୧ଟି ଉଚ୍ଚ ବିଦ୍ୟାଳୟର ଡିଜିଟାଇଜେଶନ କାର୍ଯ୍ୟ ବୁଲି ଦେଖିବା ସହ ଜୁନ ୩୦ ସୁଦ୍ଧା କାମ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପିଡି ପ୍ରଥମେ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଆସିଥିଲେ। ପରେ ଟାକରଡା, ଧବଳପୁର, ଡେଙ୍ଗାପଦର, ଗୋବିନ୍ଦପୁର, ନରେନ୍ଦ୍ରପୁର, ଗୋଠଗାଁ, ଠୁରୁବୁରାଇ, କୁରୁଳା, ଅଲାରିଗଡରେ ଥିବା ଉଚ୍ଚ ବିଦ୍ୟାଳୟକୁ ଯାଇ କାର୍ଯ୍ୟର ଅଗ୍ରଗତି ଦେଖିଥିଲେ। ପିଡିଙ୍କ ପରିଦର୍ଶନ ସମୟରେ ବିଡିଓ ଶମ୍ଭୁନାଥ ନନ୍ଦି ଉପସ୍ଥିତ ଥିଲେ ।

# ଛୁରାମାଡ଼ରେ ଯୁବକ ମୃତ

ବ୍ରହ୍ମପୁର ଅଫିସ,୧୬।୬

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଉତ୍ତରାମୁଖୀଠାରେ ଛୁରାମାଡରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଚନ୍ଦନ ପ୍ରଧାନ (୨୦)। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଗଣ୍ଡଗୋଳ ଘଟିଥିବା ବେଳେ ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଏ ନେଇ ନଂ. ୧୨୨/୨୧ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଚନ୍ଦନଙ୍କ ଭଉଣୀଙ୍କୁ ସେହି ସାହିର ଯୁବକ ଶିବରାମ ସେଠୀ ଓରଫ ଟିଣା (୨୧) ପ୍ରେମ କରୁଥିଲେ। ଯାହାକୁ ନେଇ ଚନ୍ଦନ ଓ ଟିଣାଙ୍କ ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ତାଙ୍କ ଭଉଣୀଠାରୁ ଦୂରେଇ ରହିବାକୁ ଚନ୍ଦନ ବାରମ୍ବାର ଟିଣାଙ୍କୁ ତାଗିଦ କରିଥିଲେ। ଟିଣା ସେ ସବୁକୁ ଖାତିର କରୁନଥିଲେ। ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ଚନ୍ଦନ ଓ ତାଙ୍କର ୨ ସାଙ୍ଗ ତୋଫାନ ବେହେରା ଓ ହର୍ଷବିହାରର ମୁନା ମହାନ୍ତି ତିନି ଜଣ ମିଶି ଟିଣାଙ୍କୁ ପାନେ ଦେବା ପାଇଁ ତାଙ୍କ ଘର ନିକଟକୁ ଯାଇଥିଲେ। ଆକ୍ରମଣ ଉଦ୍ୟମ କରିବା ବେଳେ ଟିଣା ଧରିଥିବା ଏକ ଛୁରିରେ ପ୍ରଥମେ ଚନ୍ଦନଙ୍କୁ ଆକ୍ରମଣ କରିଥିଲେ। ଫଳରେ ଚନ୍ଦନ ଗୁରୁତର ହୋଇ ତଳେ ପଡିଯାଇଥିଲା। ତାଙ୍କ ନିକଟରେ ଥିବା ଅନ୍ୟ ୨ ଜଣଙ୍କୁ ମଧ ଟିଣା ଆକ୍ରମଣ କରି ଲହୁଲୁହାଣ କରି ଦେଇଥିଲା। ପୋଲିସ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ଚନ୍ଦନ ଓ ତାଙ୍କର ଅନ୍ୟ ଦୁଇ ସାଙ୍ଗଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲା। ସେଠାରେ ଡାକ୍ତର ଚନ୍ଦନଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ପୋଲିସ ଟିଣାଙ୍କୁ କାବୁ କରି ଥାନାକୁ ନେଇଥିଲା। ଦୁର୍ବୃତ୍ତଙ୍କ ଛୁରି ମାଡରେ ଆହତ ତୋଫାନଙ୍କ ଅବସ୍ଥା ଗୁରୁତର ରହିଥିବା ବେଳେ ମୁନାଙ୍କର ମଧ ଏମ୍‌କେସିଜି ମେଡିକାଲରେ ଚିକିତ୍ସା ଜାରି ରହିଛି।

# ନୟାଗଡ଼ ପାର୍କ ପଛପାଖ ଜମି ଜବରଦଖଲ

ନୟାଗଡ଼ ଅଫିସ,୧୬।୬

- **ପତିତକୁ ସେଟେଲମେଣ୍ଟରେ ହୋଇଛି ଘରବାରି କିସମ**
- **ଉଚ୍ଛେଦ କରୁନାହିଁ ମ୍ୟୁନିସିପାଲିଟି, ତହସିଲ**

ନୟାଗଡ଼ ସହର ୱାର୍ଡ ନଂ.୨ ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ନାରାୟଣୀ ପାର୍କ ସମ୍ମୁଖ ମୂଲ୍ୟବାନ ସରକାରୀ ଜମି ଜବରଦଖଲ ହୋଇଛି । ଜବରଦଖଲକାରୀ ଜଣେ ମନ୍ତ୍ରୀଙ୍କ ନାଁ ନେଇ ସେହି ସରକାରୀ ଜମିକୁ ହାତେଇ ନେଇଛନ୍ତି । ସେଠାରେ ଦୁଇଟି ଦୋକାନ ଘର ନିର୍ମାଣ କରି ମାସକୁ ମୋଟା ଅଙ୍କର ଭଡ଼ା ପାଉଛନ୍ତି । ଅନ୍ୟପକ୍ଷେ ସଂପୃକ୍ତ ଜମି ପତିତ କିସମ ଥିଲା । କିନ୍ତୁ ସେଟେଲମେଣ୍ଟରେ ଘରବାରୀ କିସମକୁ ପରିବର୍ତ୍ତନ କରାଯାଇ ଦଖଲ କରାଯାଇଛି । ଏ ସଂକ୍ରାନ୍ତରେ ନୟାଗଡ଼ ମ୍ୟୁନିସିପାଲିଟି ଅବଗତ ଥିଲେ ମଧ ଜବରଦଖଲ ଉଚ୍ଛେଦ କରାଯାଉ ନ ଥିବା ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ନାରାୟଣୀ ପାର୍କ ସମ୍ମୁଖରେ ରହିଛି ପ୍ଲଟ ନଂ. ୧୬୦୦/୨୬୫୦, ଖାତା ନଂ. ୧୨୫୯ରେ ୫ ଡେସିମିଲ ସରକାରୀ ଜମି। ଏହି ଜମିରେ ଅଟୋ ଷ୍ଟାଣ୍ଡ, ପରିବା ଦୋକାନ ଓ ମାଛ ମାର୍କେଟ ହେବା ପାଇଁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଥିଲା । ପରେ ସେହି ନିଷ୍ପତ୍ତି ରଦ୍ଦ କରାଯାଇଥିଲା । ଏହି ସୁଯୋଗରେ ସେହି ଜମିକୁ ଜବରଦଖଲ କରାଯାଇଥିଲା। ଏଥିରେ ପୌରସଂସ୍ଥା ଓ ତହସିଲର କେତେଜଣ କର୍ମଚାରୀଙ୍କ ହାତ ଥିବା ଅଭିଯୋଗ ହୋଇଛି । ଏନେଇ ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା କୁହନ୍ତି, ପାର୍କ ପଛପଟ ଫାଟକ ସମ୍ମୁଖ ଭାଗରେ ଥିବା ସରକାରୀ ଜମି ଜବରଦଖଲ ହୋଇଥିବା ସଂକ୍ରାନ୍ତରେ ମୁଁ ଜାଣିନାହିଁ । ଏନେଇ ମୁଁ ତହସିଲଦାରଙ୍କୁ ଜଣାଇବି। ପୌର କର୍ମଚାରୀ ତଦନ୍ତ କରିବେ, ଜବରଦଖଲ ପ୍ରମାଣ ମିଳିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏନେଇ ନୟାଗଡ଼ ବିଧାୟକ ତଥା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି, ସରକାରୀ ଜମି ଜବରଦଖଲ କରାଯାଇଥିଲେ ପ୍ରଥମେ ଉଚ୍ଛେଦ ହେବ । ସରକାରୀ ନିୟମ ମୁତାବକ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ । ମନ୍ତ୍ରୀ ବା ବିଧାୟକ ନାଁ କହି ସରକାରୀ ଜମି ଜବରଦଖଲ କରୁଥିବା ବ୍ୟକ୍ତି ଯଦି ଭାବୁଥାନ୍ତି ଉଚ୍ଛେଦ ହେବନାହିଁ ତାହା ଭୁଲ । ଆଇନ ସମସ୍ତଙ୍କ ପାଇଁ ସମାନ । ଜବରଦଖଲ ଉଚ୍ଛେଦ ନେଇ ସେ ପ୍ରଶାସନ ସହ ଆଲୋଚନା କରିବେ ବୋଲି କହିଛନ୍ତି । ଏନେଇ ନୟାଗଡ଼ ତହସିଲଦାର ଭିକାରୀ ସାହୁଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ମଧ ସେ ଫୋନ ଉଠାଇ ନ ଥିଲେ। ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି, ମୁଁ ଏନେଇ ନୟାଗଡ଼ ତହସିଲଦାରଙ୍କ ସହ ଆଲୋଚନା କରିବି । ସରକାରୀ ଜମି ଜବର ଦଖଲ ହୋଇଥିଲେ ତାକୁ ଉଚ୍ଛେଦ କରାଯିବ ।



ଜବରଦଖଲ ଜମିରେ ନିର୍ମାଣ ହୋଇଥିବା ଦୋକାନ ଘର ।